# ବିଜ୍ଞାପିତ ଅଞ୍ଚଳ ପରିଷଦ,ପଦ୍ମପୁର

## OFFICE OF THE NOTIFIED AREA COUNCIL, PADAMPUR

DIST:-BARGARH (ODISHA) PIN-768036,Email-nac.padampur@gmail.com

ବିଜ୍ଞପ୍ତିସଂଖ୍ୟା ୮୧୮ ତାରିଖ ୨୬/୦୩/୨୦୨୬

### ବିଜ୍ଞପ୍ତି

ଏତତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ରେ ଥିବା ମିଶନ ଶକ୍ତି ଗ୍ରୁପ ମାନଙ୍କର ଅବଗତିନିମନ୍ତେ ଜଣାଇଦିଆଯାଉଛି ଯେ, ପତ୍ର ସଂଖ୍ୟା ୪୪୪୨ /20.03.2026 ସମସ୍ତ ମିଶନ ଶକ୍ତି ଗ୍ରୁପ ଓ ମହାସଂଘ ମାନଙ୍କୁ ଜଣାଇ ଦିଆଯାଉଛି ଯେ, ଗ୍ରୀଷ୍ମ ଋତୁରେ ବୃଦ୍ଧିଶୀଳ ଉଷ୍ଣତା ଓ ହିଟ୍‌ୱେଭ୍ ପରିସ୍ଥିତିକୁ ମୁକାବିଲା ପାଇଁ ପରିଷଦ ଅଧୀନରେ ବିଭିନ୍ନ ସ୍ଥାନରେ "ପାନୀୟ ଜଳ ବିତରଣ କେନ୍ଦ୍ର (Paniya Jala Bitarana Kendra)" ଖୋଲାଯିବ ।

| Sl No | Location | Ward r |
|---|---|---|
| 1 | ପାଇକମାଲ ରୋଡ଼ | 02 |
| 2 | ଶାନ୍ତି ନଗର | 02 |
| 3 | Bhehuria chock | 02 |
| 4 | ଦୂର୍ଗା ମନ୍ଦିର | 03 |
| 5 | ଡେଲି ମାର୍କେଟ | 05 |
| 6 | ପ୍ରାଇଭେଟ ବସ ଷ୍ଟାଣ୍ଡ | 05 |
| 7 | କଚେରୀ ଛକ | 05 |
| 8 | ଡୋରା ପେଟ୍ରୋଲ ପମ୍ପ | 07 |
| 9 | ଶାସ୍ତ୍ରୀ ଛକ | 07 |
| 10 | ରାଜା ଘର ସାମ୍ନା ରାଜା ପଡା | 10 |
| 11 | ଜଗ୍ୟ ମଣ୍ଡଳୀ ରାଜାପଡା | 10 |

ପ୍ରତ୍ୟେକ ମିଶନ ଶକ୍ତି ଗ୍ରୁପ ଓ ମହାସଂଘ ଏକ ମାତ୍ର ପାନୀୟ ଜଳ ବିତରଣ କେନ୍ଦ୍ର (Paniya Jala Bitarana Kendra)" ପାଇଁ ଆବେଦନ କରିପାରିବେ । ମିଶନ ଶକ୍ତି ଗ୍ରୁପ ଉକ୍ତ ୱାର୍ଡ ର ଆବେଦନ କରିପାରିବେ ଯଦି କୌଣସିକାରଣ ହେତୁ ସେହି ୱାର୍ଡ ଆବେଦନ ଫର୍ମ ନ ଆସିଲା,ତେବେ ନିକଟତମ ୱାର୍ଡ ର ମିଶନ ଶକ୍ତି ଗ୍ରୁପ ଚୟନ କରାଯିବ । ଯଦି ୨ ରୁ ଅଧିକ ମିଶନ ଶକ୍ତି ଗ୍ରୁପ ଓ ମହାସଂଘ ଆବେଦନ କରନ୍ତି, ତେବେ ଲୋଟେରୀ ମାଧମରେ ଚୟନ କରଯିବ ।

ମିଶନ ଶକ୍ତି ଗ୍ରୁପ ଓ ମହାସଂଘ ସଦସ୍ୟା କିମ୍ବା ତାଙ୍କ ଦ୍ବାରା ନିଯୋଜିତ ବ୍ୟକ୍ତି ହି ଜଳବିତରଣ କେନ୍ଦ୍ର ରେ କାମ କରିପାରିବେ ।

ଉକ୍ତ ସଦସ୍ୟ କିମ୍ବା ସଦସ୍ୟା ଦୈନିକ ମଜୁରି ଛଡା କୌଣସି ମିଶନ ଶକ୍ତି ଗ୍ରୁପ ଓ ମହାସଂଘ ପରିଚାଳନା ଓ ତଦାରଖ ପାଉଣା ପାଇବେ ନାହିଁ ।

ଦାୟିତ୍ୱ ନେବାକୁ ଥିବା ଇଚ୍ଛୁକ ମିଶନ ଶକ୍ତି ଗ୍ରୁପ ଓ ମହାସଂଘ ର ରିଜୁଲେସନ ଖାତା ,ବ୍ୟାଙ୍କ ପାସ ବୁକ,ଗୋଷ୍ଠି ର କ୍ୟାସ୍ ବୁକ ର ନକଲ ଓ ରିଜୁଲେସନ speed ପୋଷ୍ଟ ମାଧମରେ ନିମ୍ନସ୍ୱାକ୍ଷର କାରୀଙ୍କୁ ଲିଖିତ ଭାବରେ ଏହି ବିଜ୍ଞପ୍ତି ଜାରି ହେବାର ୭ ଦିନ ମଧ୍ୟରେ ପରିଷଦରେ ଦାଖଲ କରିବାକୁ ହେବ । ଧାର୍ଯ୍ୟ ଦିନ ଗତେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହି ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ

ପରିପତ୍ର ସଂଖ୍ୟା ୮୧୮ ତାରିଖ ୨୬/୦୩/୨୦୨୬

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ,CDPO ଅଫିସ /ସମସ୍ତ ମହାସଂଘ ଓ ମିଶନ ଶକ୍ତି ଗ୍ରୁପ ର ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ